Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୧
Volum. - 22 ■ Issue No.- 01
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୦୭ ନଭେମ୍ବର - ୧୩ ନଭେମ୍ବର ୨୦୨୧ / 07 Oct. - 13 Nov. 2021 / Odia Weekly / 8 Pages / Rs.2/- only




'କୋଶଳ ପ୍ରବାହ'ର
ଜନ୍ମ ଦିବସ ଅବସରରେ
ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା।



ଟୁକୁନୀ ସାହୁ
ମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି
ଓଡ଼ିଶା ସରକାର





'କୋଶଳ ପ୍ରବାହ'ର ୨୨ତମ
ଜନ୍ମ ଉତ୍ସବ ଅବସରରେ
ପାଟଣାଗଡ଼ ନିର୍ବାଚନ
ମଣ୍ଡଳୀର ଭାଇଭଉଣୀଙ୍କୁ
ତଥା ବଲାଙ୍ଗିରବାସୀଙ୍କୁ
ଆନ୍ତରିକ ଅଭିନନ୍ଦନ।

ସରୋଜ କୁମାର ମେହେର
ବିଧାୟକ, ପାଟଣାଗଡ଼

ବିଜୁ ଜନତା ଦଳ



ଶୁଭେଚ୍ଛା ବାର୍ତ୍ତା

ବଲାଙ୍ଗିରରୁ ପ୍ରକାଶ ପାଉଥିବା ସାପ୍ତାହିକ ସମ୍ବାଦପତ୍ର 'କୋଶଳ ପ୍ରବାହ'ର ୨୨ତମ ଜନ୍ମୋତ୍ସବ ଅବସରରେ କଂଟାବାଂଜି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ତଥା ବଲାଙ୍ଗିର ଜିଲ୍ଲାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସନ୍ତୋଷ ସିଂ ସାଲୁଜା
ବିଧାୟକ, କଂଟାବାଂଜି ନିର୍ବାଚନ ମଣ୍ଡଳୀ



'କୋଶଳ ପ୍ରବାହ'ର
୨୨ତମ ଜନ୍ମ ଉତ୍ସବ
ଅବସରରେ ଶୁଭେଚ୍ଛା।



ପବିତ୍ର ଦୀପାବଳି-୨୦୨୧ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

'କରୋନା' ମହାମାରୀର ପ୍ରକୋପ ହ୍ରାସ ପାଉଥିଲେ ମଧ୍ୟ ସରିନାହିଁ । ଏଣୁ ଦାୟିତ୍ୱପୂର୍ଣ୍ଣ ଆଚରଣ ସହ ଉତ୍ସବ ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

(ଗଣେଶୀ ଲାଲ)



ମୁଖ୍ୟମନ୍ତ୍ରୀଙ୍କ
ଦୀପାବଳି ଶୁଭେଚ୍ଛା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ପବିତ୍ର ଦୀପାବଳି - ୨୦୨୧ ଉପଲକ୍ଷେ
ବାର୍ତ୍ତା

ଆଲୋକ ଓ ଆନନ୍ଦର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

'କରୋନା' ମହାମାରୀ ସଂପୂର୍ଣ୍ଣ ଦୂରେଇ ଯାଇନାହିଁ । କୋଭିଡ୍ ମାର୍ଗଦର୍ଶିକା ଅନୁପାଳନପୂର୍ବକ ଦୀପାବଳି ଉତ୍ସବ ପାଳନ କରିବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-32
OIPR-15001/13/0059/2122

# ବିରୋଧୀଙ୍କ ମିଶନ-୨୦୨୪

## ରଘୁନାଥ ବାବୁ



ଲଖିମପୁର ଖେରି ଘଟଣାକୁ ନେଇ ଦିଲ୍ଲୀରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ରାଜନୀତି ଜୋର୍ ଧରିଛି । ମୋଦୀ-ଯୋଗୀ-ବିଜେପିକୁ ଘେରିବା ପାଇଁ ବିରୋଧୀ ଦଳଙ୍କୁ ବଡ ସୁଯୋଗଟିଏ ମିଳିଛି । ଆଗକୁ ଉତ୍ତରପ୍ରଦେଶ ସମେତ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅଛି । ରାଜନୈତିକ ବିଶ୍ଳେଷକଙ୍କ ମତହେଲା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ସେମିଫାଇନାଲ । ଏକଦା ଅପରାଜେୟ ମନେ ହେଉଥିବା ବିଜେପିଦଳର ସର୍ବମାନ୍ୟ ନେତା ନରେନ୍ଦ୍ର ମୋଦୀଙ୍କୁ ଟକ୍କରଦେବା ପାଇଁ ସବୁ ବିରୋଧୀ ଦଳ ମିଶି ମେଣ୍ଟ ଗଠନ ପାଇଁ ପ୍ରୟାସ ଚାଲିଛି । ସମସ୍ତେ ଏବେ ମିଶନ ୨୦୨୪ ମୁଡ୍‌ରେ । ପଶ୍ଚିମବଙ୍ଗ ନିର୍ବାଚନରେ ବିପୁଳ ବିଜୟପରେ ମମତା ଦିଦୀ ଏବେ ପ୍ରଧାନମନ୍ତ୍ରୀ ଦୌଡରେ । ମୁହଁରେ କିଛି କହୁନଥିଲେ ମଧ୍ୟ ତାଙ୍କ ହାବଭାବରୁ ଏହା ବେଶ ଅନୁମେୟ । ଦିଲ୍ଲୀ ରହଣୀ କାଳରେ ସେ ଅନେକ ବିରୋଧିଦଳନେତାଙ୍କୁ ଭେଟିଛନ୍ତି । ପୂର୍ବରୁ ତାଙ୍କ ରଣନୀତିକାର ପ୍ରଶାନ୍ତ କିଶୋର ଏଥି ନିମନ୍ତେ ପ୍ରାକ୍‌ପ୍ରସ୍ତୁତି କରିସାରିଥିଲେ । ଏଣୁ ସମସ୍ତ ବିରୋଧୀ ଦଳଙ୍କୁ ଏକଜୁଟ କରି ଆଗାମୀ ଲୋକସଭା ନିର୍ବାଚନରେ ବିଜେପିକୁ କ୍ଷମତାରୁ ହଟାଇବାକୁ ଦିଦି ପୁରା ପ୍ରସ୍ତୁତ । ଦିଦି ଘୋଷଣା କରିସାରିଛନ୍ତି ଏଥର ଜାତୀୟ ସ୍ତରରେ ଖେଳା ହେବ ।

ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ କଂଗ୍ରେସକୁ କେନ୍ଦ୍ର ସରକାରରୁ ହଟାଇବାପାଇଁ ଏଭଳି ବିରୋଧୀ ମେଣ୍ଟ ଗଠିତ ହୋଇଥିଲା ଓ ନିର୍ବାଚନୀ ସଫଳତା ମଧ୍ୟ ମିଳିଥିଲା । କିନ୍ତୁ ମେଣ୍ଟଦଳଭୁକ୍ତ ନେତାମାନଙ୍କ ପରସ୍ପର ମହତ୍ତ୍ୱାକାଂକ୍ଷା ଯୋଗୁଁ ମେଣ୍ଟ ବେଶୀ ଦିନ ଚାଲି ପାରିଲା ନାହିଁ । ପରବର୍ତ୍ତି ସମୟରେ ନରସିଂହା ରାଓ, ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂ ଏଭଳି ମେଣ୍ଟ ସରକାର ଗଠନ କରି ସଫଳତାର ସହ କାର୍ଯ୍ୟକାଳ ପୂରା କରିଛନ୍ତି । ଏଣୁ ଆଶା କରାଯାଉଛି ମମତା ଦିଦି ଆଞ୍ଚଳିକ ଦଳମାନଙ୍କୁ ନେଇ ମହାମେଣ୍ଟ ଗଠନକରି ବିଜେପିକୁ ଟକ୍କର ଦେବେ । କିନ୍ତୁ ସାଂପ୍ରତିକ ରାଜନୈତିକ ପାଣିପାଗ ଯାହା ସେଥିରେ ଦିଦୀ କେତେଦୂର ସଫଳ ହେବେ ତାହା ଏକ ବିରାଟ ପ୍ରଶ୍ନବାଚୀ । ସର୍ବଭାରତୀୟ ଦଳ ହିସାବରେ ଓ ଲୋକସଭାରେ ସଂଖ୍ୟା ଦୃଷ୍ଟିରୁ କଂଗ୍ରେସ ଏବେ ଆଗରେ ଅଛି । ଏଣୁ ରାହୁଲ ଗାନ୍ଧୀ ଦିଦିଙ୍କୁ ବାଟ ଛାଡିବେ ତ ? ଆଞ୍ଚଳିକ ଦଳ ନେତାଙ୍କ ମଧ୍ୟରେ ଏନସିପି ମୁଖିଆ ଶରଦ ପାଓାର ଅଭିଜ୍ଞ ଓ ପାରଙ୍ଗମ ମଧ୍ୟ । କିନ୍ତୁ ବୟସ ଦୃଷ୍ଟିରୁ ସେ ମେଣ୍ଟର ନେତୃତ୍ୱ ନେବା ସନ୍ଧୀହାନ । ସମାଜବାଦୀ ପାର୍ଟି ଓ ଅକାଳୀ ଦଳ କଂଗ୍ରେସ ସହ ମେଣ୍ଟ କରିବା ସପକ୍ଷରେ ନାହାନ୍ତି । ପୁଣି ଦିଲ୍ଲୀ ଭଳିଆ କେତେକ ରାଜ୍ୟରେ ଆଞ୍ଚଳିକ ଦଳର ମୁଖ୍ୟ ପ୍ରତିଦ୍ୱନ୍ଦି କଂଗ୍ରେସ ଦଳ । ଏଣୁ ମହାମେଣ୍ଟରେ କଂଗ୍ରେସ ସାମିଲ ହେଲେ ରାଜ୍ୟ ସ୍ତରରେ ରାଜନୈତିକ ସମୀକରଣ ବିଗିଡି ଯାଇପାରେ । ଏଣେ କଂଗ୍ରେସଦଳକୁ ବାହାରେ ରଖି ବିରୋଧୀ ମେଣ୍ଟ ତିଷ୍ଠି ପାରିବ କି ନାହିଁ ସେ ଏକ ବଡ ପ୍ରଶ୍ନ । ପଶ୍ଚିମବଙ୍ଗରେ ଚଉତିରିଶ ବର୍ଷର କମ୍ୟୁନିଷ୍ଟ ଗଡକୁ ଭାଙ୍ଗି ମମତା କ୍ଷମତାକୁ ଆସିଛନ୍ତି । ଏଣୁ କମ୍ୟୁନିଷ୍ଟ ଦଳମାନଙ୍କର ଦିଦିଙ୍କ ପ୍ରତି ସମର୍ଥନ ରହିବ ତ ? ଲୋକସଭାରେ ଆସନ ସଂଖ୍ୟା ଦୃଷ୍ଟିରୁ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ରାଜ୍ୟ ପଶ୍ଚିମବଙ୍ଗରୁ ଆଗରେ । ଫଳରେ ଅଖିଳେଶ ସିଂ ଓ ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କ ମତିଗତି ଉପରେ ଅନେକ କିଛି ନିର୍ଭର କରେ । ପଞ୍ଜାବ, ଉତ୍ତରାଖଣ୍ଡ ଓ ଗୋଆ ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ଯଦି ଭଲ ପ୍ରଦର୍ଶନ କରେ, ତେବେ ଅରବିନ୍ଦ କେଜ୍ରିବାଲଙ୍କ ରାଜନୈତିକ ଉତ୍‌ଥାନକୁ ଏଡାଇ ଦିଆଯାଇ ନ ପାରେ ।

ଏତେସବୁ ଅଙ୍କକଷା ମଧ୍ୟରେ କିନ୍ତୁ ପ୍ରଶାନ୍ତ କିଶୋରଙ୍କ ଏକ ବୟାନ ଉଲ୍ଲେଖଯୋଗ୍ୟ । ସେ କହିବାକଥା ବର୍ତ୍ତମାନର ଅବସ୍ଥା ଯାହା ସେଥିରେ ତୃତୀୟ ମେଣ୍ଟ ସଫଳ ହେବନାହିଁ । ତେବେ କଣ ପାଇଁ ଏତେ ମିଳାମିଶା, ବୈଠକ ପରେ ବୈଠକ ? ପ୍ରଶାନ୍ତ କିଶୋର ୨୦୧୪ ସାଧାରଣ ନିର୍ବାଚନରେ ମୋଦୀଙ୍କ ପାଇଁ ରଣନୀତି ପ୍ରସ୍ତୁତି କରିଥିଲେ । ନିର୍ବାଚନ ପୂର୍ବରୁ ତାଙ୍କର ସୁଚିନ୍ତିତ ଯୋଜନା ମୁତାବକ ସେ ପ୍ରଥମେ ମୋଦୀଙ୍କୁ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯିବା ଉପରେ ଜୋର୍ ଦେଇଥିଲେ । ଅନେକ ଆଶା ଆଶଙ୍କା ପରେ ଶେଷରେ ଗୋଆ ବୈଠକରେ ବିଜେପି ପକ୍ଷରୁ ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯିବା ବିଷୟ ଘୋଷଣା କରାଗଲା । ଏହାପରେ ଦେଶରେ ପ୍ରଥମଥର ପାଇଁ ଏକ ବ୍ୟକ୍ତି କୈନ୍ଦ୍ରିକ ନିର୍ବାଚନୀ ହାଓ୍ୱା ସୃଷ୍ଟି କରାଗଲା । ମୋଦୀଙ୍କୁ କେନ୍ଦ୍ରକରି ନିର୍ବାଚନର ସମରସଜ୍ଜା ପ୍ରସ୍ତୁତ କରାଗଲା । ଗୁଜୁରାଟ ମଡେଲର ଏକ ସ୍ୱପ୍ନିଳ ଚିତ୍ର ଜନସାଧାରଣଙ୍କ ଆଗରେ ରଖାଗଲା । ମୋଦୀଙ୍କ ବ୍ୟକ୍ତିତ୍ୱ ଆଗରେ ରାହୁଲ ଗାନ୍ଧୀଙ୍କୁ ପ୍ରତିଦ୍ୱନ୍ଦୀ ରୂପେ ଥୋଇଦିଆଗଲା । ମେଣ୍ଟ ଅପେକ୍ଷା ନେତାଙ୍କ ଉପରେ ଗୁରୁତ୍ୱାରୋପ କରି ଦେଶସାରା ନିର୍ବାଚନ ପ୍ରଚାର ଅଭିଯାନ ଚାଲିଲା । ଶେଷରେ ପ୍ରଶାନ୍ତ କିଶୋରଙ୍କ ରଣନୀତି ସଫଳ ହେଲା । ବିଜେପିଦଳ ନିଜସ୍ୱ ଦମ୍‌ରେ ଲୋକସଭାରେ ସଂଖ୍ୟାଗରିଷ୍ଠତା ଲାଭକଲା ଓ ମୋଦୀ ପ୍ରଧାନମନ୍ତ୍ରୀ ହେଲେ । ଏଥର ମଧ୍ୟ ମମତା ଦିଦିଙ୍କ ପାଇଁ ଏଭଳି ଏକ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି ପ୍ରଶାନ୍ତ କିଶୋର ।

ଆଗ ନେତା ପରେ ମେଣ୍ଟ ଫର୍ମୁଲାରେ ବିଶ୍ୱାସ ରଖୁଥିବା ପ୍ରଶାନ୍ତ କିଶୋର ପ୍ରଥମରୁ ତୃତୀୟ ମେଣ୍ଟ ଅଥବା ଆଞ୍ଚଳିକଦଳଙ୍କ ସାମ୍ମୁଖ୍ୟ ଭଳି ପ୍ରସ୍ତାବକୁ ପସନ୍ଦ କରୁନାହାନ୍ତି । ପ୍ରଥମେ ଦିଦିଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରୂପେ ସବୁ ବିରୋଧୀ ଦଳର ସହମତି ଉପରେ ସେ ଜୋର୍ ଦେଉଛନ୍ତି । ଏହା ହେଲେ ନରେନ୍ଦ୍ର ମୋଦୀ ଓ ମମତା ଦିଦୀଙ୍କ ମଧ୍ୟରେ ସିଧାସଳଖ ବ୍ୟକ୍ତିତ୍ୱ ଓ ଭାବମୂର୍ତ୍ତିର ଲଢେଇ ହେବ । ସର୍ବଦା ସୂତା ଶାଢ଼ୀଟିଏ ଓ ହାଓ୍ୱାଇ ଚପଲ ହଳେ ପିନ୍ଧୁଥିବା ଦିଦିଙ୍କ ଏକ ସିଧାସାଧା ଅଥଚ ଲଢୁଆ ଛବି ଜନସାଧାରଣଙ୍କ ମନରେ ଅଛି । ସେ ନରେନ୍ଦ୍ର ମୋଦୀଙ୍କ ସହ ଆଖିରେ ଆଖି ମିଶାଇ କଥା କହିବାର ସାମର୍ଥ୍ୟ ରଖନ୍ତି । ପୂର୍ବରୁ କେନ୍ଦ୍ରରେ ନରସିଂହା ରାଓ, ଅଟଳ ବିହାରୀ ବାଜପାୟୀ ଓ ମନମୋହନ ସିଂଙ୍କ ସରକାର ଅମଳରେ ମନ୍ତ୍ରୀ ରହିଛନ୍ତି । ୨୦୧୧ରୁ ପଶ୍ଚିମବଙ୍ଗ ରାଜ୍ୟର ମୁଖ୍ୟମନ୍ତ୍ରୀ ରୂପେ ଲଗାତର କାର୍ଯ୍ୟଭାର ସମ୍ଭାଳିଛନ୍ତି । ଅଭିଜ୍ଞତା ଦୃଷ୍ଟିରୁ ସେ ମୋଦୀଙ୍କଠାରୁ ଢ଼େର ଆଗରେ । ଏଣୁ ଲଢ଼େଇ ରୋଚକହେବ ବୋଲି ତାଙ୍କର ଧାରଣା । କିନ୍ତୁ ସବୁ ବିରୋଧୀ ଦଳ ଏକା ମେଣ୍ଟରେ ରହି ଜଣକୁ ନେତା ମାନିବା ଅସମ୍ଭବ ମନେ ହେଉଛି ।

ସାଧାରଣ ନିର୍ବାଚନକୁ ଏବେ ଆହୁରି ତିନିବର୍ଷର ସମୟ ବାକିଅଛି । ସେତେବେଳେ ରାଜନୈତିକ ଅବସ୍ଥା କଣ ଥିବ ଆଜିଠୁ ଅନୁମାନ କରିବା କଷ୍ଟକର । ମୋଦୀ ଓ ତାଙ୍କ ଦଳ କିଛି କମ ନୁହଁନ୍ତି । ଦଳ ପାଖରେ ଅର୍ଥ ଅଛି, ସଂଗଠନ ଅଛି ଓ ସର୍ବୋପରି ମୋଦୀଙ୍କ ଭଳି ଚେହେରା ଅଛି । ଅପରପକ୍ଷେ ତୃଣମୂଳ କଂଗ୍ରେସ ସମେତ ଆଞ୍ଚଳିକ ଦଳର ସଂଗଠନ ନିଜନିଜ ରାଜ୍ୟରେ ମୁଖ୍ୟତଃ ସୀମିତ । ସର୍ବଭାରତୀୟ ଦଳଙ୍କ ଅବସ୍ଥା ଯାହା ସେମାନେ ସବୁ ଆଞ୍ଚଳିକ ଦଳକୁ ସାଥିରେ ନେଇ ନିର୍ବାଚନ ଲଢ଼ିବେ, ଏ ଆଶା କ୍ଷୀଣ ମନେହୁଏ । ଏସବୁକୁ ବିଚାର କଲେ ମୋଦୀଙ୍କ ବିରୁଦ୍ଧରେ ବିରୋଧୀଙ୍କ ମିଶନ ୨୦୨୪ ଏତେଟା ସହଜିଆ ହେବ ନାହିଁ । ତଥାପି ଭାରତର ରାଜନୈତିକ ଇତିହାସରେ ଅବିଶ୍ୱାସନୀୟ ଭାବେ ଆକସ୍ମିକ ପ୍ରଧାନମନ୍ତ୍ରୀ ସୃଷ୍ଟି ହେବାର ନଜିର ରହିଛି ।

ପେଲେସ ଲାଇନ, ବଲାଙ୍ଗିର
ଦୂରଭାଷ- ୯୪୩୭୦୯୩୨୪୮

## ସଂପାଦକୀୟ

### ୨୨ ବର୍ଷରେ ପାଦ ଦେଇଛି 'କୋଶଳ ପ୍ରବାହ'

ଆଜି ମନେ ପଡୁଛି 'କୋଶଳ ପ୍ରବାହ'ର ଜନ୍ମ ଦିନର କଥା । ବିଜୁଳି ବିଭ୍ରାଟ ଯୋଗୁଁ ସାରା ସହର ଅଂଧାର କାବୁରେ ରହିଥିବା ବେଳେ 'କୋଶଳ ପ୍ରବାହ'ର ଜନ୍ମ ମହୋତ୍ସବ ଗ୍ୟାସ୍ ଲାଇଟ୍ ସାହାଯ୍ୟରେ ପାଳନ ହେଉଥାଏ । 'କୋଶଳ ପ୍ରବାହ'ର ଜନ୍ମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ ବଲାଙ୍ଗିର ସଦର ବ୍ଲକ ଅଧୀନସ୍ଥ ବଏଦିପାଲିର ଜଣେ ଦିନ ମଜୁରିଆ ଶ୍ରମିକ ୯ଅକୁର ଭୋଇ । ଜନ୍ମୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଐତିହାସିକ, ଭାଷା ଗବେଷକ ତଥା ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଶଶାଙ୍କ ଶେଖର ପଣ୍ଡା । ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ସମ୍ବଲପୁର ଜିଏମ୍ କଲେଜ ଭୀମ ଭୋଇ ଚେୟାର୍‌ର ପ୍ରଫେସର ଡ.ସନ୍ତୋଷ କୁମାର ରଥ । ଏହି ଜନ୍ମୋତ୍ସବ ସଭାରେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ କବି ହରିଶଙ୍କର ବଡ଼ପଣ୍ଡା । ଦୀର୍ଘ ବର୍ଷର ଯାତ୍ରା ପରେ ଏବେ 'କୋଶଳ ପ୍ରବାହ' ପାଦ ଦେଇଛି ୨୨ତମ ବର୍ଷରେ । ଅନେକ ଘାତ ପ୍ରତିଘାତକୁ ସାମ୍ନା କରି କରି ମାଡ଼ି ଚାଲିଛି ଆଗକୁ । ଅବଶ୍ୟ ଯାତ୍ରା ପଥରେ ବାଧାବିଘ୍ନକୁ ସାମ୍ନା କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଯଦି ବାଧାବିଘ୍ନ ବିହୀନ ଯାତ୍ରା ହୁଏ, ତେବେ ସେଥିରେ ଯାତ୍ରାର ମହତ୍ତ୍ୱ କମି ଯାଇଥାଏ ବୋଲି ମଧ୍ୟ ବିଜ୍ଞଜନମାନେ ମତ ଦିଅନ୍ତି । ତେବେ ସମସ୍ତ ପ୍ରକାର ବାଧାବିଘ୍ନକୁ ସୁହୃଦୟତାର ସହ ସାମ୍ନା କରି ଆମେ ଆଗକୁ ବଢ଼ିଛୁ, ବଢ଼ିବୁ ନିଶ୍ଚୟ । କୌଣସି ଏକ ମହତ୍ ଉଦ୍ଦେଶ୍ୟରେ ପାଦ ବଢ଼େଇଲେ କିଛି କିଛି ଅସୁବିଧାର ସମ୍ମୁଖୀନ ହେବାକୁ ହୋଇଥାଏ ଭାବି ଆମେ କେବେ ବି ପଛଘୁଂଚା ଦେଇ ନାହୁଁ ।

ଏବେ ଏକୋଇଶ ବର୍ଷ ଅତିକ୍ରମ କରି ବାଇଶ ବର୍ଷରେ ପାଦ ଦେଲା 'କୋଶଳ ପ୍ରବାହ' । ଏତେ ବର୍ଷର ଯାତ୍ରା ଭିତରେ କେତେବେଳେ ଉତ୍ସାହ ମିଳିଛି ତ' କେତେବେଳେ ନିରାସ୍ୱାହ ହେବାକୁ ବି ପଡ଼ିଛି । ତଥାପି ଜାରି ରହିଛି ଅବିରାମ ଯାତ୍ରା । ଏକ ଶୃଙ୍ଖଳିତ ତଥା ମାନବବୋଧ ଭରପୂର ଥିବା ସମାଜ ଗଠନ ପାଇଁ ଆରମ୍ଭରୁ ଅଂଟା ଭିଡ଼ିଛି 'କୋଶଳ ପ୍ରବାହ' । ସ୍ନେହ, ଶ୍ରଦ୍ଧା ଓ ଆପଣାର ଭାବକୁ ମନ୍ତ୍ର କରି ଆଜିଯାଏଁ ଆଗେଇ ଆସିଛି ।

'କୋଶଳ ପ୍ରବାହ' ସାଧାରଣ ଜନ ଜୀବନର ନାନା ପ୍ରକାର ସମସ୍ୟାକୁ ନେଇ ବାରମ୍ବାର ସ୍ୱର ଉତ୍ତୋଳନ କରିପାରିଛି ମାନବ ସମାଜରେ; ଏହା ହିଁ ତା' ପାଇଁ ସଫଳତାର ସୁଆଦ ବୋଧହୁଏ । ପଶ୍ଚିମ ଓଡ଼ିଶାର ସାହିତ୍ୟ, ସଂସ୍କୃତି ତଥା ପରମ୍ପରାର ବାର୍ତ୍ତାକୁ ଛାତିରେ ଭିଡ଼ି ଧରି, ସ୍ୱକୀୟ ମାନବୀୟ ସଂସ୍କାରକୁ ମୁଣ୍ଡରେ ବୋହି ଏବଂ ଏକ ସାର୍ଥକ ସଂବାଦପତ୍ରର ମର୍ଯ୍ୟାଦାକୁ ମନ୍ତ୍ର କରି ଜାରି ରଖିଛି ସଂଘର୍ଷ, ଏକ ସୁନ୍ଦର ସକାଳକୁ ଆଖି ଆଗରେ ରଖି ।

ନାନା ପ୍ରକାର ଅଭାବ ସମୟ ସମୟରେ ପ୍ରକାଶନ କର୍ମ ଉପରେ ବିଶେଷ ଅସୁବିଧା ସୃଷ୍ଟି କରୁଥିବା ବିଷୟକୁ ଆମେ ସ୍ୱୀକାର କରୁଛୁ । ଏହାସତ୍ତ୍ୱେ ଆମେ ଜାରି ରଖିଛୁ ଯାତ୍ରା । ଜନସାଧାରଣଙ୍କ ଅନେକ ପ୍ରକାର ସମସ୍ୟା ତଥା ଚିନ୍ତା ଚେତନାକୁ ସମାଜ ସଂସ୍କାର ନିମନ୍ତେ ଆମେ ପ୍ରକାଶ କରିବାରେ ସମର୍ଥ ହୋଇ ପାରିଛୁ ଏହି ସାପ୍ତାହିକ ସମ୍ବାଦପତ୍ର ମାଧ୍ୟମରେ । ଅନେକ କଥା କହିବାର ବାଟ ପାଇଛୁ ଅନ୍ୟମାନଙ୍କ ପାଇଁ । ବୋଧହୁଏ, ଏହି ମାଧ୍ୟମ ହିଁ ଆମ ପାଇଁ ଏକ ଅମୃତ ପଥ ଉନ୍ମୁକ୍ତ କରି ଦେଇ ପାରିଛି ଏବଂ ଆମକୁ ଧନ୍ୟ କରିଛି ମଧ୍ୟ । ସମସ୍ତଙ୍କ ଭଲ ପାଇବାକୁ ସାଉଁଟି ଆମେ ଠୁଳ କରିଛୁ ସାମର୍ଥ୍ୟ, ଯାହା ଆମର ପରମ ସୌଭାଗ୍ୟ ।

## କ୍ଲିନ୍ ଆଣ୍ଡ ଗ୍ରୀନ୍‌ର ସଫେଇ କାର୍ଯ୍ୟକ୍ରମ



ରାଉରକେଲା, (ନିପ୍ର) : ସ୍ୱଚ୍ଛତା ଓ ପରିବେଶକୁ ଗୁରୁତ୍ୱ ଦେଉଥିବା ସାମାଜିକ ଅନୁଷ୍ଠାନ କ୍ଲିନ୍ ଆଣ୍ଡ ଗ୍ରୀନ୍ ଅନୁଷ୍ଠାନ ତରଫରୁ ସେକ୍ଟର ୨୦ ବୈକୁଣ୍ଠ ଘାଟ ପରିସରକୁ ପରିଷ୍କାର କରାଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ଦେବେନ୍ଦ୍ର ସେଠୀ ଓ ସାଧାରଣ ସଂପାଦକ ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱ ତଥା ସଂଗଠନ ସଂପାଦକ ହିମାଂଶୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମାପନ କରାଯାଇଥିଲା । ଦୀର୍ଘ ଦିନ ହେବ ଅଳିଆ ଆବର୍ଜନା ପଡିରହି ଘାଟଟିରେ ଏକ ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଏବେ ତା' ପୂର୍ବ ରୂପ ଫେରି ପାଇଥିବାରୁ ଜନସାଧାରଣ ଅନୁଷ୍ଠାନକୁ ସାଧୁବାଦ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ସର୍ବଶ୍ରୀ ସୁମନ୍ତ ଉପାଧ୍ୟାୟ, ଅଶୋକ କୁମାର ପଟ୍ଟନାୟକ, ମନୋଜ ନାୟକ, ପ୍ରଦୀପ ପଟ୍ଟନାୟକ, ବିଭୁତି ଭୂଷଣ ବିଶ୍ୱାଳ, ରତନ ପଟ୍ଟନାୟକ, ପ୍ରଦୀପ୍ତ ଭୋଇ, ପ୍ରଫୁଲ୍ଲ ପାତ୍ର, ଚନ୍ଦ୍ରକାନ୍ତ ନାୟକ, ଅନନ୍ତ ପଟ୍ଟନାୟକ, ଜ୍ଞାନଜିତ ଦାସ, ପିତାମ୍ବର ସେଠୀ, ସୁକୁ କିଣ୍ଡୋ, ନୀରଜ ମିଶ୍ର, ସନ୍ତୋଷ ସାମଲ, ଧୀରେନ୍ଦ୍ର ଦାସ, ବିଶିକେସନ, ଦିନେଶ ସିଂହ, କୃତିବାସ ମିଶ୍ର, ଅକ୍ଷୟ ଜେନା, ପ୍ରଦୀପ ପାତ୍ର, କିଶୋର ଚୌଧୁରୀ, ଅଶୋକ ପଟେଲ, ମୀନତି ବେହେରା, ଗୀତାଞ୍ଜଳୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।




ପଦ୍ମନାଭ ପୁରୋହିତ
ଜିଲ୍ଲା ଉପନିବନ୍ଧକ, ବଲାଙ୍ଗିର

'କୋଶଳ ପ୍ରବାହ'ର
ଜନ୍ମ ଉତ୍ସବ ଅବସରରେ
ସମସ୍ତଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଓ ଶୁଭେଚ୍ଛା

'କୋଶଳ ପ୍ରବାହ'ର
ଜନ୍ମ ଉତ୍ସବରେ ଅନେକ
ଅନେକ ଶୁଭେଚ୍ଛା ।

ଅମନ ନାଗ
ବାର୍ ଏସୋସିଏସନ୍, ବଲାଙ୍ଗିର



# ଖପ୍ରାଖୋଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବୀ ସହ ଚାଷୀ ସମସ୍ୟା ସମାଧାନ କରିବା ପାଇଁ ୧୫ ଦଫା ସମ୍ବଳିତ ଦାବୀପତ୍ର ମୁଖ୍ୟମନ୍ତ୍ରୀ ଉଦେଶ୍ୟରେ ବିଡିଓଙ୍କୁ ପ୍ରଦାନ




ପାଟଣାଗଡ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଏକ ଅନୁନ୍ନତ ଅବହେଳିତ ମରୁଡି ପ୍ରବଣ ବ୍ଲକ ହୋଇଥିବା ବେଳେ ଦାରିଦ୍ର୍ୟ, ଅନାହାର, ଅର୍ଦ୍ଧାହାର, ବେରୋଜଗାର, ଦାଦନ ଶ୍ରମିକ, ବଢିବଢି ଚାଲିଛି । ୮୦% ଲୋକେ କୃଷି ଉପରେ ନିର୍ଭର କରନ୍ତି । କ୍ରମାଗତ ଭାବରେ ମରୁଡି, ଫସଲ ହାନୀ ଯୋଗୁଁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଥିବା ବେଳେ ଏହି ବ୍ଲକର ଜଳସେଚନ ବ୍ୟବସ୍ଥା ନାମକୁ ମାତ୍ର । ଏଭଳି ପରିସ୍ଥିତିରେ ଲୋକେ ଭୋକ ଉପାସରେ ବ୍ୟାକୁଳ ହୋଇଥିବା ବେଳେ ଏହି ବ୍ଲକକୁ କୃଷି ବିଭାଗ ଅଣଦେଖା କରି ମରୁଡି ଘୋଷଣା କରିନଥିବା ଅଭିଯୋଗ ହେଉଛି । ଯେଉଁ ଦାବୀପତ୍ର ଦେଇଥିଲେ ସେଥିରେ ଦାବୀ ଥିଲା କି ଖପ୍ରାଖୋଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ, ସମସ୍ତ ଚାଷୀମାନଙ୍କୁ ଋଣ ଛାଡ ସହ ଫିଜ ଛାଡ କରାଯାଉ ଓ ନୂତନ ଋଣର ସୁବିଧା କରାଯାଉ, ସିଧାସଳଖ ମରୁଡି ହୋଇଥିବା ଯୋଗୁଁ ଚାଷୀକୁ ଏକର ପ୍ରତି ୨୫୦୦୦ ଟଙ୍କା ପ୍ରଦାନ କରାଯାଉ, ଧାନ ଫସଲ ନଷ୍ଟ ହେତୁ କପା ଚାଷରେ ୨୦୦୦ ଲେଖାଏଁ ବୋନସ ଦିଆଯାଉ । ରବି ଚାଷୀମାନଙ୍କୁ ସାର, ବିହନ ଠିକ୍ ଭାବରେ ଯୋଗାଇ ଦିଆଯାଉ, ଅଚଳ ହୋଇପଡିଥିବା ଉଠା ଜଳସେଚନ ନଳକୂପକୁ ଗଭୀର କରି ଠିକ୍ ପରିମାଣରେ ପାଣି ଯୋଗାଇବା ସହ ମାଗଣା ବିଦ୍ୟୁତ ଦିଆଯାଉ, ସ୍ଥାୟୀ ଉଠାଜଳସେଚନ କରିବା ସଙ୍ଗେ ସଙ୍ଗେ ପୁରୁଣା ବନ୍ଧ, କଟା, କୂଅକୁ ପୁନଃ ଉଦ୍ଧାର କରାଯାଉ, ସମସ୍ତ ପ୍ରକଳ୍ପଗୁଡିକକୁ ଯୁଦ୍ଧକାଳୀନ ଭିତ୍ତିରେ ଲଗାଯାଉ, ଖପ୍ରାଖୋଲ ବ୍ଲକରେ ଏକ ଶୀତଳ ଭଣ୍ଡାର ନିର୍ମାଣ କରାଯାଉ, ବଲାଙ୍ଗିର ଜିଲ୍ଲାରେ ଥିବା ବିଜୟାନନ୍ଦ ଚିନିକଳକୁ ସରକାର ହାତକୁ ନେଇ ଚଲାନ୍ତୁ, ପ୍ରତ୍ୟେକ ଚାଷୀମାନଙ୍କୁ ପରିଚୟ ପତ୍ର ଦେବା ସହ ଚାଷୀ ପେନ୍‌ସନ୍ ଯୋଜନା ତିଆରି କରାଯାଉ, ଓଡ଼ିଶାର ଉଠାଜଳସେଚନ ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗଭୀର ନଳକୂପ ଦିଆଯାଇଥିବା ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯାଉ, ଖପ୍ରାଖୋଲ ବ୍ଲକରେ ବିଗତ ବର୍ଷ ଚାଷୀମାନଙ୍କୁ ଦେଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା କାର୍ଯ୍ୟକାରୀ କରାଯାଉ, ମରୁଡି ସମୟରେ ବ୍ଲକରେ ଦୁଗ୍ଧ ଚାଷୀମାନଙ୍କୁ ରୋଜଗାର ଦେଉଥିବାରୁ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଅନ୍ତୁ, ଗତ ବର୍ଷ ଉକ୍ତ ସାର୍ ଅଭାବ ଦେଖା ଯାଉଥିବା ବେଳେ ଯେଉଁ କଳାବଜାରୀ ଚାଲୁଥିଲା ତାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ । ଦାବୀ ଯଦି ପୂରଣ ନହୁଏ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ବଲାଙ୍ଗିର ଜିଲ୍ଲା କୃଷକ ସଂଗଠନ ସଭାପତି ଶ୍ରୀ ପ୍ରଧାନ ଚେତାବନୀ ଦେଇଛନ୍ତି ।

# ପ୍ରିୟମ ଡିଜିଟାଲର ଷଷ୍ଠ ଅବଦାନ : କୋଶଲୀ ସର୍ଟ ଫିଲ୍ମ 'କପାଲ'ର ସୁଟିଂ ଆରମ୍ଭ

## - ଏକ ନିଆରା କଥା କହିବ 'କପାଲ' : ଆଶୁତୋଷ ଦାଶ(ପ୍ରଯୋଜକ)



ମ.ରାମପୁର, (ନିପ୍ର) : କଳାହାଣ୍ଡିର ଅନ୍ୟତମ ଅଗ୍ରଣୀ ସର୍ଟ ଫିଲ୍ମ ପ୍ରଯୋଜକ ପ୍ରିୟମ ଡିଜିଟାଲ ଷ୍ଟୁଡିଓ ବ୍ୟାନରରେ ପବିତ୍ର ବିଜୟା ଦଶମୀ ଅବସରରେ ମୁକ୍ତିଲାଭ କରିଥିଲା ପଂଚମ କୋଶଲୀ ସର୍ଟ ଫିଲ୍ମ 'ଉକିଆ' । ଖୁବ୍ କମ୍ ସମୟ ଭିତରେ ଏହି ଚଳଚିତ୍ରଟିକୁ ହଜାର ହଜାର ଦର୍ଶକ ଭଲପାଇବା ଦେବା ପରେ ପୁଣିଥରେ ପ୍ରିୟମ ଡିଜିଟାଲ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ହେଉଛି ଷଷ୍ଠ ଫିଲ୍ମ 'କପାଲ' । ଚଳଚିତ୍ରଟିର ଶୁଭମହୁରତ ଅବସରରେ ଏକ ନିଆରା କଥା କହିବ 'କପାଲ' ବୋଲି ପ୍ରଯୋଜକ ଆଶୁତୋଶ ଦାଶ ପ୍ରକାଶ କରିଛନ୍ତି । ପ୍ରଥମଥର ପାଇଁ ଉକିଆ ଚଳଚିତ୍ରରେ ଚମତ୍କାର ତଥା ଜୀବନ୍ତ ଅଭିନୟ କରି ଚର୍ଚ୍ଚାକୁ ଆସିଥିବା ଓଡିଶାର ପ୍ରଥମ ମହିଳା ଅଧ୍ୟାପିକା ପର୍ବତାରୋହୀ ଲିସ୍ମାମୟୀ ଦୁବେ ଏହି ଚଳଚିତ୍ରରେ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସୁଥିବା ବେଳେ ତାଙ୍କ ସହିତ ରହିଛନ୍ତି ଜଣେ ଉଦୀୟମାନ ଯୁବ ପ୍ରତିଭା ସୁନୀଲ କୁମାର ସାହୁ । ପ୍ରଥମଥର ପାଇଁ ଶିଶୁକଳାକାର ପ୍ରିୟମ ଦାଶ ଏହି ଚଳଚିତ୍ରରେ ଅଭିନୟ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅନୁଭବୀ କଳାକାର ଯୋଗୀନ୍ଦ୍ର ବେହେରା, ଜସ୍ମିତା ବାଗ, ଦ୍ରୋଣାଚାର୍ଯ୍ୟ ମାଝୀ, ପ୍ରଶାନ୍ତ ସାମନ୍ତରା ପ୍ରମୁଖ ଅଭିନୟ କରୁଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା । କିରିଆ ଏବଂ ଉକିଆ ଚଳଚିତ୍ରର ସଫଳତା ପରେ କପାଲର କହାଣୀ ମଧ୍ୟ ରଚନା କରିଛନ୍ତି ବରିଷ୍ଠ ସାମ୍ବାଦିକ, ଯୁବକବି ହେମନ୍ତ ସାହୁ । କ୍ୟାମେରା ପରିଚାଳନା କରୁଛନ୍ତି ସୁନୀଲ ଏବଂ ତାଙ୍କୁ ସହଯୋଗ କରୁଚ଼ନ୍ତି ନନ୍ଦ କିଶୋର ଓ ସୋନୁ ରଣା । ଚଳଚିତ୍ରଟି କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ବିଭିନ୍ନ ଗାଁ ଗୁଡିକରେ ସୁଟିଂ ଚାଲୁଥିବା ବେଳେ ଗାଁ ପରବେଶ, ଚଳଣୀ ଓ ତାହାରି ଭିତରେ ଜୀବନର ମୋଡ ଭଳି ମନଛୁଆଁ କଥା କହିବ ଏହି ଚଳଚିତ୍ର । ନରୋତ୍ତମ-ହେମନ୍ତ ଯୋଡିରେ ଏହି ଚଳଚିତ୍ରଟି ମଧ୍ୟ ବହୁଳମାତ୍ରାରେ ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ଆଲୋଚନା ହେଉଛି ।


# ବଲାଙ୍ଗିର ଦିନ୍ ଅବସରରେ ରୋଟାରୀ କ୍ଲବ ଅଫ ଇଲାଇଟ ପକ୍ଷରୁ ମହିଳା ରକ୍ତଦାନ ଶିବିର ଅନୁଷ୍ଠିତ




ବଲାଙ୍ଗିର, (ନିପ୍ର) : ରୋଟାରୀ କ୍ଲବ ଅଫ ଇଲାଇଟ ପକ୍ଷରୁ ନଭେମ୍ବର ୧ ବଲାଙ୍ଗିର ଦିନ ଅବସରରେ ମହିଳା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ସାଂସଦ ସଙ୍ଗିତା କୁମାରୀ ସିଂଦେଓ ଏବଂ ଭୀମଭୋଇ ମେଡିକାଲ କଲେଜର ଡିନ୍ ପ୍ରଫେସର ସବିତା ମହାପାତ୍ର ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଭିନ୍ନ ସାମାଜିକ ସଂଗଠନର ସମୁଦାୟ ୭୩ଜଣ ମହିଳା ରକ୍ତଦାତା ସ୍ୱେଚ୍ଛାକୃତ ଭାବରେ ରକ୍ତଦାନରେ ସାମିଲ ହୋଇଥିଲେ ।

ଏଥିରେ ମାହେଶ୍ୱରୀ ମହିଳା ସଂଗଠନ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ରୋଟାରୀ କ୍ଲବ ସେଣ୍ଟ୍ରାଲ, ସଚେତନ ମହିଳା ମଞ୍ଚ ଭୂମିକା, ଆର୍ଟ ଅଫ ଲିଭିଙ୍ଗ, ଲାୟନ୍ସ କ୍ଲବ ଅଫ ବଲାଙ୍ଗିର, ବିଜେପି ମହିଳା ମୋର୍ଚ୍ଚା, ସିଏନ୍‌ସି କଲେଜ, ଗୁଜୁରାତୀ ସମାଜ, ତେଜସ୍ୱିନୀ ଅନୁଷ୍ଠାନ, ସିଲିକନ ଭ୍ୟାଲି, ପିପି ଏକାଡେମୀ, ପିଆର ହାଇସ୍କୁଲ, ସରକାରୀ ବାଳିକା ବିଦ୍ୟାଳୟ, ଟାଉନ୍ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ରକ୍ତଦାନ କରିଥିଲେ । ଡା. ଜୋସ୍ନାମୟୀ ମହାପାତ୍ର ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

ଏ ଅବସରରେ ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା । ଏହା ଜିଲ୍ଲାର ପ୍ରଥମ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଟେ । ଶେଷରେ କ୍ଲବର ସଭାପତି ସନ୍ଦିପ ପାଣିଗ୍ରାହୀ ଏବଂ ସମ୍ପାଦକ ନୂତନ ନାୟକ ରକ୍ତଦାତା ଏବଂ ସହଯୋଗୀ ଅନୁଷ୍ଠାନଗୁଡିକୁ କୃତଜ୍ଞତା ଜଣାଇଛନ୍ତି ।




ଶୁଭେଚ୍ଛା

'କୋଶଳ ପ୍ରବାହ'ର ୨୨ତମ ଜନ୍ମୋତ୍ସବ ଅବସରରେ ବଲାଙ୍ଗିରବାସୀଙ୍କୁ ମୁଁ ଶୁଭେଚ୍ଛା ଜଣାଇବା ସଂଗେ ସଂଗେ 'କୋଶଳ ପ୍ରବାହ'ର ଦୀର୍ଘ ଜୀବନ କାମନା କରୁଛି ।

ଶୁଭ୍ରାଂଶୁ ଶେଖର ପଣ୍ଡା
ସରକାରୀ ସହକାରୀ ଆଇନଜୀବୀ, ବଲାଙ୍ଗିର



ଶୁଭେଚ୍ଛା

'କୋଶଳ ପ୍ରବାହ' ସହ ବଲାଙ୍ଗିରବାସୀଙ୍କ ଉତ୍ତରୋତ୍ତର ଉନ୍ନତି ହେଉ, ମା' ସମଲେଇଙ୍କ ପାଦତଳେ ଏତିକି କାମନା ।

ଅଶୋକ କୁମାର ମିଶ୍ର
ଚଳଚ୍ଚିତ୍ର ନିର୍ଦ୍ଦେଶକ
(ଏଫ୍‌ଟିଆଇଆଇ)
ବଲାଙ୍ଗିର



'କୋଶଳ ପ୍ରବାହ'ର ୨୨ତମ ଜନ୍ମ ଦିବସ ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା । 'କୋଶଳ ପ୍ରବାହ'ର ଉତ୍ତରୋତ୍ତର ମଙ୍ଗଳ କାମନା କରୁଛି ।

ଅଧ୍ୟାପକ ରଂଜନ କୁମାର ପାଣିଗ୍ରାହୀ
ଜରାସିଂହା +୨ ମହାବିଦ୍ୟାଳୟ, ଜରାସିଂହା


# ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବଲାଙ୍ଗିର ଦିନ୍ ପାଳନ



ବଲାଙ୍ଗିର, (ନିପ୍ର) : ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବଲାଙ୍ଗିର ଦିନ୍ ପାଳନ କରାଯାଇଛି । ବଲାଙ୍ଗିର ମାଟିର ସନ୍ତାନ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦିତ କରିଛନ୍ତି । ଆଗାମୀ ଦିନରେ ଯୁବସମାଜ ସମସ୍ତ କ୍ଷେତ୍ରରେ ନିଜର ଉତ୍କର୍ଷତାକୁ ପ୍ରମାଣିତ କରି ଜିଲ୍ଲାକୁ ଆଗେଇ ନେବେ ବୋଲି ସଂଘ ପକ୍ଷରୁ ବଲାଙ୍ଗିର ଦିନ୍ ଉତ୍ସବ ପାଳନ ଅବସରରେ ଆଶା ପ୍ରକାଶ କରାଯାଇଛି । ବଲାଙ୍ଗିର ଦିନ୍ ଉତ୍ସବ ପାଳନ ଜିଲ୍ଲାର ସବୁ ବର୍ଗର ଜନ ସାଧାରଣଙ୍କୁ ଏକତ୍ରିତ କରିବ ବୋଲି ମଧ୍ୟ କୁହାଯାଇଛି । ବଲାଙ୍ଗିର ଦିନ୍ ପାଳନ ଉତ୍ସବରେ ସାମିଲ ହୋଇଥିବା ସମସ୍ତ ଜନପ୍ରତିନିଧି, ବୁଦ୍ଧିଜୀବୀ, କଳାକାର, ସ୍ୱେଚ୍ଛାସେବୀ ଓ ସାମ୍ବାଦିକମାନଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି । ଏହି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ସଭାପତି ହେମନ୍ତ ପଣ୍ଡା, ସମ୍ପାଦକ ପ୍ରଦ୍ୟୁତ ମିଶ୍ର, କୋଷାଧ୍ୟକ୍ଷ ଶିବ ଶଙ୍କର ପଟେଲ, ବରିଷ୍ଠ ସଭ୍ୟ ଓମ୍ ପ୍ରକାଶ ଚାନ୍ଦ, ମାନସ ରଞ୍ଜନ ନାୟକ, ସୁନିଲ ମିଶ୍ର, ଡମ୍ବରୁଧର ଆଚାର୍ଯ୍ୟ, ମନୋଜ ଗୁରୁ, ଭବାନୀ ପଟେଲ, ପ୍ରାଣନାଥ ପ୍ରଧାନ ଯୋଗ ଦେଇଥିବା ବେଳେ ସତ୍ୟ ପ୍ରକାଶ ପତି, ସଞ୍ଜିବ ପଣ୍ଡା ଓ ହିମାଂଶୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ରାଉରକେଲା ଆଇନ ମହାବିଦ୍ୟାଳୟର ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଆରମ୍ଭ

## – ପରିବେଶ ସୁରକ୍ଷାରେ ବିଚାର ବିଭାଗର ଭୂମିକା




ରାଉରକେଲା, (ନିପ୍ର) : ରାଉରକେଲା ଆଇନ ମହାବିଦ୍ୟାଳୟ ତରଫରୁ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରଥମ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦେବେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପକୂଳପତି ପ୍ରଫେସର ଡଃ ସଂଜୀବ ମିତ୍ତଲ ମୁଖ୍ୟଅତିଥି, କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟର ମୁଖ୍ୟ ପ୍ରଫେସର ଡଃ ସୁକାନ୍ତ କୁମାର ନନ୍ଦ, ଛତିଶଗଡ ଗୋବିନ୍ଦ ସରାଙ୍ଗ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ ଦେବଦତ୍ତ ପୃଷ୍ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଶିବପ୍ରସାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସୁଧାଂଶୁ ରଂଜନ ମହାପାତ୍ର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ରାଉରକେଲା ଆଇନ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସଭାପତିତ୍ୱ ଅଭିଭାଷଣ ରଖିଥିବା ବେଳେ ଅତିଥିଗଣ ଆଲୋଚ୍ୟ ବିଷୟ 'ପରିବେଶ ସୁରକ୍ଷାରେ ବିଚାରବିଭାଗର ଭୂମିକା' ସଂପର୍କରେ ଆଲୋଚନା କରିଥିଲେ । ଅତିଥିଗଣ ଏହି ଅବସରରେ କହିଥିଲେ ଯେ, ସାଂପ୍ରତିକ ପରିସ୍ଥିତିରେ ପ୍ରଦୂଷଣ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଥିବା ବେଳେ, ତାକୁ ପ୍ରତିହତ କରିବା ପ୍ରତ୍ୟେକ ସଚେତନ ନାଗରିକଙ୍କ କର୍ତ୍ତବ୍ୟ । ଏଥିପାଇଁ ଆତ୍ମସଚେତନ ସହ ସମାଜକୁ ମଧ୍ୟ ସଚେତନ ହେବାକୁ ପଡିବ । ଏଥିପାଇଁ ବିଚାରବିଭାଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତ ଅତିଥି ପ୍ଲାଷ୍ଟିକ ମୁକ୍ତ, ଶବ୍ଦ ଓ ବାୟୁ ପ୍ରଦୂଷଣ ତଥା ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ । ବୃକ୍ଷର ୩ଟି ଗୁଣ ନୀରବତା, ଶାନ୍ତି ଓ ଦାନକୁ ମଣିଷ ବୁଝି ପାରିଲେ ଆମେ ତାର ସୁଫଳ ପାଇପାରିବା । ଆମେ କେବେ ଏମିତି ସମାଜ ଚାହିଁବା ନାହିଁ ଯାହା ପରିବେଶକୁ ନଷ୍ଟ କରିଦେବ । ତେଣୁ ଆମେ ସଚେତନ ନହେଲେ ଏକ ସୁସ୍ଥ ସମାଜ ଗଠନ କରିପାରିବା ନାହିଁ । ପ୍ରଦୂଷଣରୁ ବିଶ୍ୱକୁ ରକ୍ଷା କରିବା ପ୍ରତ୍ୟେକ ନାଗରିକ ସହ ବିଚାର ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ସହଯୋଗୀ ପ୍ରଫେସର ଡଃ ସମ୍ପାଦିକା ମହାନ୍ତି ଓ ପ୍ରଜ୍ଞା ପରମିତା ପଣ୍ଡା ପରିଚାଳନା କରିଥିବା ବେଳେ ପ୍ରାରମ୍ଭରେ ଅଧ୍ୟକ୍ଷ ଡଃ ବେହେରା ସ୍ୱାଗତ ଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଶେଷରେ ଆଲୁମନି ଆସୋସିଏସନ୍‌ର ସଭାପତି ସୁମନ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ, ମୋମେଣ୍ଟୋ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମୋନାଲିସା ସାହୁଙ୍କ ସଂଯୋଜନାରେ ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, କିଶୋର ଜେନା, ତାରିଣୀ କିଙ୍କର ଦାସ, ସ୍ୱାଗତିକା ବିଶ୍ୱାଳ, ମୀନାକ୍ଷୀ ପାଣିଗ୍ରାହୀ, ଅନୁସ୍ମିତା ମହନ୍ତ, ନେହା ଶର୍ମା, ନିଲୁ ଶର୍ମା, ମନ୍ଦାକିନୀ ମାଝୀ ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଆଇନ ମହାବିଦ୍ୟାଳୟର ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ସଂଜୀବ ମହାନ୍ତି, ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର ଡଃ ସୀମାଞ୍ଚଳ ପାଣିଗ୍ରାହୀ, ପ୍ରଫେସର ପ୍ରମିଳା ପଣ୍ଡା, ଡ. ସମର ମୁଦାଲି, ଧୀରେନ ସେନାପତି, ସୁରେନ୍ଦ୍ର ଦାଶ, ଡ. ସରିତା ମଲ୍ଲ, ସବିତା ମହାପାତ୍ର, ଅଭିରାମ ପ୍ରଧାନ, କୈଳାଶ ପ୍ରଧାନ, ରାଜେନ୍ଦ୍ର ପଣ୍ଡା ଓ ବହୁ ଆଲୁମନିଙ୍କ ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଶାନ୍ତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିର ପରିସରରେ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମାହାସଭାର ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଳନ କରାଯାଇଅଛି । ସଭାପତି ଗିରିଧାରୀ ଶତପଥୀଙ୍କ ଆବାହକତ୍ୱରେ ଏବଂ ପୂର୍ବତନ ସଭାପତି ସତ୍ୟବନ୍ତ ବେଦବାକ୍ଙ୍କ ସଭାପତିତ୍ୱରେ ପୂର୍ବତନ ମହିଳା କମିଶନର ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଏବଂ ବ୍ରାହ୍ମଣ ସଭାର ଅଧ୍ୟକ୍ଷ ନିଳମଣି ମିଶ୍ର ଅତିଥି ରୂପେ ଯୋଗଦେଇଥିବା ବେଳେ ସଂପାଦକ ରଘୁନାଥ ମିଶ୍ର ବିବରଣୀ ପାଠ କରିଥିଲେ । ଏଥିରେ ପରିବାରର ସଂପର୍କ ବୃଦ୍ଧି କରିବା ପାଇଁ ମତ ପ୍ରକାଶ ପାଇଥିଲା । ମାଳତି ଉଦ୍‌ଗାତା, ଧନଞ୍ଜୟ ମିଶ୍ର, ଅଚ୍ୟୁତ ମିଶ୍ର, ଧର୍ମବ୍ରତ ରଥ ନିଜ ନିଜ ମତ ପ୍ରକାଶ କରିଥିଲେ । ସଭା କାର୍ଯ୍ୟରେ ପର୍ଶୁରାମ ନାୟକ, ପ୍ରଭୁଦତ୍ତ ଶତପଥୀ, ଡା. ପ୍ରକାଶ ଦାଶ, ଜୟରାମ ମିଶ୍ର, ଲକ୍ଷ୍ମୀ ଚାନ୍ଦ, ମଦନ ମୋହନ ରଥ, ପ୍ରଭାକର ମିଶ୍ର, ଗୋବିନ୍ଦ ମିଶ୍ର, ତରୁଣ ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟମାନେ ସାହାଯ୍ୟ କରିଥିଲେ । ସୁରେନ୍ଦ୍ର ନେପାକ ମଞ୍ଚ ପରିଚାଳନା କରିଥିଲେ ଓ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ନଭେମ୍ବର ୧ ବଲାଙ୍ଗିର ଦିନ୍ : ଦୁଲ୍‌କୁଛେ ସହର



ବଲାଙ୍ଗିର, (ନିପ୍ର) : ଆଏଜ୍ ନଭେମ୍ବର୍ ୧ ବଲାଙ୍ଗିର ଦିନ୍ । ଦୁଲ୍‌କୁଛେ ବଲାଙ୍ଗିର ସହର୍ । ସକାଲୁ ମା' ସମ୍‌ଲେଇ, ମା' ପାଟ୍‌ନେଶିରୀର୍ ଠାନେ ବଏଠା ଜଲେଇ ଗୁଟେ ବିରାଟ୍ ସାଂସ୍କୃତିକ ଶୋଭାଯାତ୍ରା କୋଶଲ କଲା ମଣ୍ଡଳ ନୁ ବାହାରି ସହର୍ ପରିକ୍ରମା କରିଥିଲା । ତାର୍ ଉତାରୁ କୋଶଲ କଲା ମଣ୍ଡଳ ନେ' ଚାଲିଛି ଭିନେ ଭିନେ କାର୍ଯ୍ୟକ୍ରମ । ଇ ଉଧେ ଉପର୍‌ବେଲା ୩ ବଜେ ଗୁଟେ ଆଲୋଚନା ଚକ୍ର ଅନୁଷ୍ଠିତ ହେଇଥିଲା । ଆଲୋଚନା ଚକ୍ରର ବିଷୟ ବସ୍ତୁ ଥିଲା 'ବଲାଙ୍ଗିର ବିକାଶରେ ଗଣମାଧ୍ୟମର ଅବଦାନ' । 'କୋଶଳ ପ୍ରବାହ'ର ସଂପାଦକ ଆନଂଦ ଚଂଦ୍ର ସାହୁଙ୍କର୍ ଅଧ୍ୟକ୍ଷତା ଥି ଅନୁଷ୍ଠିତ୍ ଇ ସଭା ଥି 'ସମ୍ବାଦ'ର ବଲାଙ୍ଗିର ପ୍ରତିନିଧି ବିଶ୍ୱଜିତ ଦାଶ, 'ପ୍ରମେୟ'ର ପ୍ରତିନିଧି ମୁକେଶ ବହିଦାର, 'ସମାଜ'ର ପ୍ରତିନିଧି ବିଭୂକଲ୍ୟାଣ ଗଡତ୍ୟା ଓ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ଆଲୋଚକ ଭାବେ ଯୋଗଦାନ କରିଥିଲେ । 'ପ୍ରେରଣା'ର ସଂପାଦକ ରଘୁନନ୍ଦନ ସିଂ ସଭା ପରିଚାଳନା କରିଥିବା ବେଳେ ବଲାଙ୍ଗିର ଦିନ୍ ପାଳନ କମିଟିର ଅଗ୍ରଜ ସଭ୍ୟ ବିନୋଦ କାଲସାଏ ମଧ୍ୟ ମଂଚାସୀନ ଥିଲେ ।

# କେନ୍ଦ୍ର ସରକାରଙ୍କ ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପାଟଣାଗଡ଼ ପକ୍ଷରୁ ପ୍ରତିବାଦ : ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ




ପାଟଣାଗଡ, (ନିପ୍ର) : କେନ୍ଦ୍ର ସରକାରଙ୍କ ଅହେତୁକ ପେଟ୍ରୋଲ ଡିଜେଲ ଠୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦରଦାମ ଯେମିତି ଖାଇବା ତେଲ, ଡାଲି ରନ୍ଧନ ଗ୍ୟାସ ଏପରି କି ଔଷଧ ପତ୍ରର ଦରଦାମ ଆକାଶ ଛୁଆଁ ହେବାରେ ଲାଗିଛି । ଏଥିପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇ ସାରିଛି । ଏହାର ପ୍ରତିବାଦରେ ଆଜି ବିଜୁ ମହିଳା ଜନତାଦଳ ପକ୍ଷରୁ ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ପହଞ୍ଚି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଦିନକୁ ଦିନ ଗ୍ୟାସର ଦାର ବୃଦ୍ଧି ଯୋଗୁଁ ନିଆଁ ଚୋଲ୍ଲାରେ କାଠ ଜାଳି ପ୍ରତିକ ଭାବରେ ପ୍ରତିବାଦ ଜଣାଇଥିଲେ । ପାଟଣାଗଡ ବ୍ଲକ ବିଜୁ ମହିଳା ଜନତାଦଳର ସଭାନେତ୍ରୀ ଶ୍ରୀମତୀ ବିତିଶ୍ମୀତା ମେହେର, ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜୁମହିଳା ସଭାନେତ୍ରୀ ସଂଯୁକ୍ତା ବନଗୁଲା, ପାଟଣାଗଡ଼ ଉପସଭାନେତ୍ରୀ ଭାନୁ ପ୍ରିୟା ନାଏକ, ସଂପାଦିକା କସ୍ତୁରୀ ସେଠ, ଜିଲ୍ଲା ସାଧାରଣ ସମ୍ପାଦିକା ସଂଯୁକ୍ତା ପ୍ରଧାନ, ଗିତାଞ୍ଜଳୀ ମିଶ୍ର, ଉଲବା ପଞ୍ଚାୟତ ସଂପାଦିକା ଜୟଶ୍ରୀ ମେହେର, କେନ୍ଦୁମୁଣ୍ଡି ପଞ୍ଚାୟତ ସଂପାଦିକା ସଂଯୁକ୍ତା ମହାପାତ୍ର, ସ୍ୱର୍ଣ୍ଣପ୍ରଭା ପ୍ରଧାନ, ତମିଆ ପଞ୍ଚାୟତ ସଂପାଦିକା ସସ୍ମିତା ମେହେରଙ୍କ ସମେତ ପାଟଣାଗଡ଼, ଖପ୍ରାଖୋଲ, ବେଲପଡା ଆଦି ବ୍ଲକ ଅଞ୍ଚଳର ସମସ୍ତ ସଭାପତି କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ମହିଳା କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବିଫଳତାକୁ ପାଥେୟ କରି ବିଭିନ୍ନ ସ୍ଲୋଗାନ ମାନ ଦେଇ ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣ ଉପକରଣ ବଣ୍ଟନ




କଣ୍ଟାବାଞ୍ଜି, (ନିପ୍ର) : ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ବଲାଙ୍ଗିର ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ ସାମଗ୍ରୀ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତ ସଭାପତିତ୍ୱ କରିଥିଲେ । ଏହି ଶିବିରରେ ୧୬ଗୋଟି ସିପି ଚୌକି ଓ ୩୯ଟି ଟିଏଲଏମ କିଟ ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିଲା । ସଭା ପରିଚାଳନା ବିଆରପି ସୁନିଲ ସାହୁ କରିଥିବା ବେଳେ ଶିକ୍ଷକ ତଥା ଜୁନିୟର ରେଡକ୍ରସ ପରାମର୍ଶ ଦାତା ବିରଞ୍ଚି ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ବଡବାବୁ ବିଜୟ ପାଣିଗ୍ରାହୀ, ବିଆରପି ଜୌତି ବିକାଶ ବାରିକ, ରମେଶ ଚନ୍ଦ୍ର ସୁନା, ଶିକ୍ଷକ ଅମରେନ୍ଦ୍ର ବାଗ, ବିବେକାନନ୍ଦ ରାଏ, ମାୟାଧର ଭରାସଗ୍ରିଆ, ପୁର୍ଣ୍ଣଚନ୍ଦ୍ର ପନିକା, ଅମୃତ କୁମ୍ଭାର ଆଦି ସହଯୋଗ କରିଥିଲେ ।

# ବିଜେପି ଜଗଦଲପୁର ମଣ୍ଡଳ ସ୍ତରୀୟ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ



ପଦ୍ମପୁର, (ନିପ୍ର) : ପଦ୍ମପୁର ନିର୍ବାଚନ ମଣ୍ଡଳୀ ଝାରବନ୍ଧ ବ୍ଲକର କୁମ୍ଭିର ଗ୍ରାମ ପଞ୍ଚାୟତର କୁମ୍ଭିର ଗ୍ରାମଠାରେ ଆଜି ମଙ୍ଗଳବାର ଦିନ ଜଗଦଲପୁର ମଣ୍ଡଳ ସ୍ତରୀୟ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜଗଦଲପୁର ମଣ୍ଡଳ ସଭାପତି ହରେକୃଷ୍ଣ ପଟେଲଙ୍କ ସଭାପତିତ୍ୱରେ କରିଥିଲେ । ଉକ୍ତ ବୈଠକରେ ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଉପସ୍ଥିତ ରହି ବିଜେଡି ସରକାରର ଦୁର୍ନୀତି ଏବଂ ମା'ମାନଙ୍କୁ ସମ୍ମାନର ନାରା ଦେଉଥିବା, ନାରୀ ନିର୍ଯ୍ୟାତନା, ଅତ୍ୟାଚାରୀ ଶାସକ ବିରୁଦ୍ଧରେ ଗର୍ଜିଥିଲେ । ଆଗାମୀ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପଞ୍ଚାୟତ ସ୍ତରରେ ପଞ୍ଚାୟତ ପ୍ରମୁଖମାନଙ୍କ ସହିତ ସମୀକ୍ଷା କରି ନିର୍ବାଚନି ପ୍ରସ୍ତୁତି, ସମ୍ପୂର୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଝାରବନ୍ଧ ବ୍ଲକ ସାଂସଦ ପ୍ରତିନିଧି ହରିହର ସାହୁ ସହିତ ବରିଷ୍ଠ କାର୍ଯ୍ୟକର୍ତ୍ତା କିଶୋର ବାରିକ, ମାନଭଞ୍ଜନ ମିର୍ଦ୍ଧା, ମଦନ ମୋହନ ପଟେଲ, ସରପଞ୍ଚ କ୍ଷୀରସାଗର ସାହୁ, ରାଜକୁମାର ସାହୁ, ସାମନ୍ତ ଶେଖର ମୁନା, ଗଣେଷ ସାହୁ, ଦେବ ଦୁର୍ଲଭଙ୍କ ସମେତ କାର୍ଯ୍ୟକର୍ତ୍ତା, ଗ୍ରାମର ଭଦ୍ର ବ୍ୟକ୍ତି, ମା'ମାନେ ଯୋଗଦାନ କରିଥିଲେ । ସଭାର ପରିଚାଳନା ପଦ୍ମନ ରଣା କରିଥିଲେ । ସଭା ଶେଷରେ ସଭାପତିଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଦେବା ସାଙ୍ଗେ ସଭା ସାଙ୍ଗ ଘୋଷଣା କରାଯାଇଥିଲା ।



ହିମାଞ୍ଚଳ ପଧାନ
ବିଧାୟକ ପ୍ରତିନିଧି, ପାଟଣାଗଡ଼

'କୋଶଳ ପ୍ରବାହ'ର
ସ୍ୱନକ୍ଷତ୍ର ଦିବସ ଅବସରର
ହାର୍ଦ୍ଦିକ ଶୁଭେଚ୍ଛା ।

# ଗଞ୍ଜାମ ବଜାରରେ ସବୁଜ ବାଣ ବିକ୍ରି ହେବ : ପରମ୍ପରା ବଜାୟ ଲାଗି ଦୀପାବଳି ପାଳନ ସୁରୁଖୁରୁରେ ହେବ – ଜିଲ୍ଲାପାଳ

ବ୍ରହ୍ମପୁର, (ନିପ୍ର) : ଆଜି ଗୋଟିଏ ଦିନ ପରେ ସର୍ବତ୍ର ପାଳିତ ହେବ ଦୀପାବଳି । ଆଲୋକର ପର୍ବ ଦୀପାବଳୀ ପର୍ବକୁ ପାଳନ କରିବା ପାଇଁ ଲୋକଙ୍କ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ତେବେ ପରିବେଶ ପ୍ରଦୂଷଣକୁ ଆଖି ଆଗରେ ରଖି ଏଥର ଆମ ସରକାର ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ପରିବର୍ତ୍ତେ ଗ୍ରୀନ୍ କ୍ରାକର ଫୁଟାଇବାକୁ ଅନୁମତି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ସନ୍ଧ୍ୟାରେ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ଅଧିକାରୀଙ୍କ ସହ ବୈଠକ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ମଙ୍ଗଳବାର ସୁଦ୍ଧା ଜଣକୁ ମଧ୍ୟ ବାଣ ବିକ୍ରି ପାଇଁ ଲାଇସେନ୍ସ ଦିଆଯାଇନି । କେବଳ ସବୁଜ ବାଣ ବିକ୍ରି ପାଇଁ ଆବେଦନ କରିହେବ । ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏଥିଲାଗି କୌଣସି ସବୁଜ ବାଣ ବିକ୍ରି ପାଇଁ ଡିଲର ଗଂଜାମ ଜିଲା ପ୍ରଶାସନଠାରୁ ଲାଇସେନ୍ସ ନେଇ ନାହାଁନ୍ତି । ସବୁଜ ବାଣ ବିକ୍ରି ପାଇଁ ଲାଇସେନ୍ସ ଆବେଦନ କରିବା ଲାଗି ପେସୋ ସାର୍ଟିଫିକେସନ ସହ ଷ୍ଟକ୍ ଯାଞ୍ଚ ଦେଖାଇବା ଜରୁରୀ ରହିଛି । ଜିଲ୍ଲାର ତହସିଲଦାରମାନେ ଏହି ଷ୍ଟକ୍ ଯାଞ୍ଚ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାର ତିନୋଟି ସବଡିଭିଜନର ସମସ୍ତ ଉପଜିଲ୍ଲାପାଳମାନେ ଏହାକୁ ମନିଟରିଂ କରିବେ । ଉପଜିଲ୍ଲାପାଳମାନେ ନିଜ ସ୍ତରରେ ବୈଠକ କରି ସରକାର ଓ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ୪ ତାରିଖ ଦିନ କେବଳ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ଅନୁମତି ରହିଛି । ଅନ୍ୟ ଦିନ କିମ୍ବା ଅନ୍ୟ ସମୟରେ ବାଣ ଫୁଟାଯାଇ ପାରିବନି । ଏହାକୁ ଧ୍ୟାନ ଦେବାକୁ ବୈଠକରେ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ । କେଉଁଠି ମଧ୍ୟ ବିନା ଲାଇସେନ୍ସରେ ବାଣ ବିକ୍ରି ହୋଇପାରିବ ନି ବୋଲି ଚେତାବନୀ ସ୍ୱରୂପ ପ୍ରମୁଖ ଅଧିକାରୀମାନଙ୍କୁ ଜିଲ୍ଲାପାଳ କହିଛନ୍ତି । କେବଳ ଲାଇସେନ୍ସ ନେଇ ସବୁଜ ବାଣ ବିକ୍ରି ହୋଇପାରିବ ବୋଲି ବୈଠକରେ କୁହାଯାଇଛି । କେଉଁଠି ବିନା ଲାଇସେନ୍ସ କିମ୍ବା ଅନ୍ୟ ବାଣ ବିକ୍ରି କଲେ ଷ୍ଟକ୍ ସିଲ୍ କରାଯିବ । ଏହାର ଖିଲାପ କଲେ ବିପର୍ଯ୍ୟୟ ଆକ୍ଟରେ ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ତହସିଲଦାର, ସହରାଞ୍ଚଳର ଏନ୍ଏସି ନିର୍ବାହୀ ଅଧିକାରୀ ଓ ଥାନା ଆଇଆଇସିମାନଙ୍କୁ ନେଇ ଗଠିତ ସ୍କ୍ୱାର୍ଡ ଏହାର ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ଏହି ବୈଠକରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଲୀନା କୁମାରୀ ଖେସ୍, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରିୟ ରଂଜନ ପୃଷ୍ଟି, ଡୁଡା ପିଡି ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲ୍ଲାପାଳ ନୀଳମାଧବ ଭୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଗାମୀ ୬ ବର୍ଷରେ ଚାଇନା ପାଖରେ ଥିବ ୭୦୦ ପରମାଣୁ ବୋମା : ପେଣ୍ଟାଗନ୍ ରିପୋର୍ଟ ସାରା ବିଶ୍ୱକୁ ତାଜୁବ୍ କରିଛି

ୱାଶିଂଟନ୍ : ଆମେରିକାର ପ୍ରତିରକ୍ଷା ବିଭାଗ ଦ୍ୱାରା ବୁଧବାର ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ ତାର ଆଣବିକ ଶକ୍ତିକୁ ଏକ ବର୍ଷ ପୂର୍ବରୁ ଆମେରିକା ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି କରୁଛି । ଏହା ସହିତ ରିପୋର୍ଟରେ କୁହାଯାଇଛି ଯେ, ଶତାବ୍ଦୀର ମଧ୍ୟଭାଗରେ ଚୀନ୍ ଆମେରିକୀୟ ବିଶ୍ୱ ଶକ୍ତି ପାଖକୁ ପହଂଚିବ କିଂବା ଆଗକୁ ବି ବଢ଼ି ଯାଇପାରେ । ରିପୋର୍ଟ ଅନୁଯାୟୀ, ଆଗାମୀ ଛଅ ବର୍ଷ ମଧ୍ୟରେ ଚାଇନାର ଆଣବିକ ଅସ୍ତ୍ର ସଂଖ୍ୟା ୭୦୦କୁ ବୃଦ୍ଧି ପାଇପାରେ ଏବଂ ୨୦୩୦ ସୁଦ୍ଧା ଏହି ସଂଖ୍ୟା ୧୦୦୦ରୁ ଅଧିକ ହୋଇପାରେ । ତେବେ ଚାଇନାରେ ବର୍ତ୍ତମାନ କେତେ ଅସ୍ତ୍ରଶସ୍ତ୍ର ଅଛି, ତାହା ରିପୋର୍ଟରେ କୁହାଯାଇନାହିଁ । କିନ୍ତୁ ଏକ ବର୍ଷ ପୂର୍ବେ ଆମେରିକାର ପ୍ରତିରକ୍ଷା ବିଭାଗ



ମୁଖ୍ୟାଳୟର ପେଣ୍ଟାଗନ୍ କହିଛି ଯେ, ଏହାର ପରମାଣୁ ଅସ୍ତ୍ର ସଂଖ୍ୟା ୨୦୦ରୁ କମ୍ ଏବଂ ଏହି ଦଶନ୍ଧି ଶେଷ ସୁଦ୍ଧା ଏହା ଦ୍ୱିଗୁଣିତ ହେବ ବୋଲି ଆକଳନ କରାଯାଇଥିଲା । ଯୁକ୍ତରାଷ୍ଟ୍ରରେ ବର୍ତ୍ତମାନ ୩,୭୫୦ ପରମାଣୁ ଯୁଦ୍ଧ ଅସ୍ତ୍ର ଅଛି ଏବଂ ଏହାକୁ ବୃଦ୍ଧି କରିବାର କୌଣସି ଯୋଜନା ନାହିଁ । ୨୦୦୩ ସୁଦ୍ଧା, ଆମେରିକାର ଆଣବିକ ଅସ୍ତ୍ରଶସ୍ତ୍ରର ସଂଖ୍ୟା ପ୍ରାୟ ୧୦,୦୦୦ ଥିଲା । ବାଇଡେନ ପ୍ରଶାସନ ଆଣବିକ ନୀତିର ବିସ୍ତୃତ ସମୀକ୍ଷା କରୁଛନ୍ତି ।

# ହିମାଚଳ ପ୍ରଦେଶ ବିଜୟରେ ଉତ୍ସାହିତ କଂଗ୍ରେସ ଦରବୃଦ୍ଧି ପ୍ରସଙ୍ଗ ଉଠାଇ ଟାର୍ଗେଟ କଲେ ବିଜେପିକୁ

ନୂଆଦିଲ୍ଲୀ : ହିମାଚଳ ପ୍ରଦେଶ ଉପନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟିର ପରାଜୟ ପରେ କଂଗ୍ରେସ ଦଳ ଉତ୍ସାହିତ ହୋଇ ଦରବୃଦ୍ଧି ପ୍ରସଙ୍ଗକୁ ଜୋରରେ ଉଠାଇବା ଆରମ୍ଭ କରିଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଦାୟିତ୍ୱ ଗ୍ରହଣ ଉତ୍ସବରେ ଦରବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ।



ଦରବୃଦ୍ଧି ପ୍ରସଙ୍ଗରେ ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ଟ୍ୱିଟ୍ କରିଛନ୍ତି ।

# ମୌଳିକ ସୁବିଧାରୁ ବଞ୍ଚିତ କୁଇମୁଣ୍ଡା ଗ୍ରାମବାସୀ : ପ୍ରଶାସନର ଦୃଷ୍ଟି ନାହିଁ

ନୂଆପଡା, (ନିପ୍ର) : ସ୍ୱାଧୀନତାରର ଦୀର୍ଘ ୭ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଆଜି ବି ଏପରି ଗ୍ରାମ ରହିଛି ଯେଉଁଠି ସରକାରଙ୍କ ବିକାଶର ପାଦ ପଡ଼ିନାହିଁ । ଲୋକମାନଙ୍କୁ ମୌଳିକ ସୁବିଧା ପ୍ରଦାନ କରିବାରେ ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ବିଫଳ ହୋଇଥିବା ଦେଖିବାକୁ ମିଳିଛି । ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ପାଟଧରା ପର୍ବତ୍ୟଅଞ୍ଚଳ କୁଇମୁଣ୍ଡା ଗ୍ରାମରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଗ୍ରାମରେ ୩୦ ପରିବାର ବସବାସ କରନ୍ତି ଗ୍ରାମରେ ନଳକୂପ ଟିଏ ନାହିଁ । ଏହି ଗ୍ରାମର ବାସିନ୍ଦାଙ୍କ ପାଇଁ ପାନୀୟ ଜଳ ସବୁଠୁ ବଡ ସମସ୍ୟା ରହିଥିବା ବେଳେ ଉକ୍ତ ଗ୍ରାମର ଲୋକମାନେ ୧ କିଲୋମିଟର ଦୂରରେ ଥିବା ନାଳ ପାଣି ଉପରେ ନିର୍ଭର କରି ଚଳୁଛନ୍ତି । ବହି ଯାଇଥିବା ଏକ ନାଳର ନିକଟରେ ଏକ ଗାଡ଼ିଆ ଖନନ କରି ସେଠାରୁ ଜଳ ସଂଗ୍ରହ କରିଥାନ୍ତି । ଗ୍ରାମରେ ଜଳ ଉତ୍ସ କହିଲେ କେବଳ ପ୍ରବାହିତ ନାଳର ଜଳକୁ ପାନୀୟ ଜଳ ରୂପେ ଗ୍ରହଣ କରନ୍ତି । ବର୍ଷା ଚାରିମାସ ନାଳାରେ ଗୋଳିଆ ପାଣି ପ୍ରବାହିତ ହୁଏ । ପାନୀୟ ଜଳ ନେଇ ଗ୍ରାମବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି । ତେଣୁ ତୁରନ୍ତ ଏହି ଗ୍ରାମର ସମସ୍ୟାକୁ ସରକାର ଦୃଷ୍ଟି ଦେଲେ ଗ୍ରାମର ବିକାଶ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି । ଏଥିସହ ସ୍ଥାନୀୟ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡିକୁ ଗ୍ରାମରେ ପହଞ୍ଚାଇବାକୁ ସାଧାରଣରେ ଦାବୀ ହେଉଛି ।




SITE COLLEGE, BALANGIR
Pallishree Vihar, Sadaipali, Balangir
(Recognised by Govt. of Odisha, Approved by INC & Sambalpur University)
ISO 9001 CERT.
ADMISSION IN NURSING & PARAMEDICAL COURSES
B. Sc. Nursing (4 Years Course)
Entry Qua.: +2 Sc with PCB (SC/ST-40%, UR- 45%)
GNM (Staff Nurse) (3 Years Course)
Entry Qua.: +2 Pass Any Stream SC/ST-35%, UR- 40%)
ANM Training Centre (2 Years Course)
Entry Qua.: +2 Pass Any Stream
DMLT (Pathology) (2 Years Course)
Entry Qua.: +2 Sc. Pass
DMRT (Radiology) (2 Years Course)
Entry Qua.: +2 Sc. Pass
SITE
For more information please contact
9937865334 (Nursing), 9861757278 (DMLT & DMRT)
STIPEND FOR SC/ST STUDENT
SEPARATE HOSTEL FOR BOYS & GIRLS

# ଡିଆରଡିଓ ଏବଂ ଭାରତୀୟ ବାୟୁ ସେନା ପକ୍ଷରୁ ସ୍ୱଦେଶୀ ଭାବେ ବିକଶିତ ସ୍ମାର୍ଟ ଆଣ୍ଟି-ଏୟାରଫିଲ୍ଡ ଯୁଦ୍ଧାସ୍ତ୍ରର ବିମାନ ପରୀକ୍ଷଣ ସଫଳ

**- ଉପଗ୍ରହ ଦିଗ ନିର୍ଣ୍ଣୟ ଏବଂ ଇଲେକ୍ଟ୍ରୋ ଅପ୍ଟିକାଲ ସେନ୍ସର ଉପରେ ଦୁଇଟି ଭିନ୍ନ ଭିନ୍ନ କନ୍‌ଫିଗୁରେସନର ସଫଳ ପରୀକ୍ଷଣ**

**- ଦେଶରେ ଏହି ଶ୍ରେଣୀର ବୋମାର ପ୍ରଥମ ଇଲେକ୍ଟ୍ରୋ ଅପ୍ଟିକାଲ ଅନ୍ୱେଷଣ ଆଧାରିତ ବିମାନ ପରୀକ୍ଷଣ ସମ୍ପନ୍ନ**

**- ସଠିକ୍ ଲକ୍ଷ୍ୟଭେଦ କ୍ଷମତା ବୃଦ୍ଧି ନିମନ୍ତେ ଯୁଦ୍ଧାସ୍ତ୍ରକୁ ଇମେଜିଂ ଇନଫ୍ରା-ରେଡ୍ ଅନ୍ୱେଷଣ ପ୍ରଯୁକ୍ତିରେ ଶକ୍ତିଶାଳୀ କରାଯାଇଛି**

**- ସର୍ବାଧିକ ଲକ୍ଷ୍ୟଭେଦ କ୍ଷମତା ୧୦୦ କି.ମି**

ନୂଆଦିଲ୍ଲୀ, (ପିଆଇବି) : ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁ ସେନା ପକ୍ଷରୁ ସ୍ୱଦେଶୀ ଭାବେ ବିକଶିତ ସ୍ମାର୍ଟ ଆଣ୍ଟି-ଏୟାରଫିଲ୍ଡ ଯୁଦ୍ଧାସ୍ତ୍ରର ବିମାନ ପରୀକ୍ଷଣ ସଫଳ ହୋଇଛି । ଉପଗ୍ରହ ଦିଗ ନିର୍ଣ୍ଣୟ ଏବଂ ଇଲେକ୍ଟ୍ରୋ ଅପ୍ଟିକାଲ ସେନ୍ସର ଉପରେ ଦୁଇଟି ଭିନ୍ନ ଭିନ୍ନ କନ୍ଫିଗୁରେସନର ସଫଳ ପରୀକ୍ଷଣ ସମ୍ପାଦିତ ହୋଇଥିଲା । ଦେଶରେ ପ୍ରଥମ ଥର ପାଇଁ ଏହି ଶ୍ରେଣୀୟ ବୋମାର ପ୍ରଥମ ଇଲେକ୍ଟ୍ରୋ ଅପ୍ଟିକାଲ ଅନ୍ୱେଷଣ ଆଧାରିତ ବିମାନ ପରୀକ୍ଷଣ ସମ୍ପନ୍ନ କରାଯାଇଛି । ଅକ୍ଟୋବର ୨୮, ୨୦୨୧ ଏବଂ ନଭେମ୍ବର ୩, ୨୦୨୧ରେ ରାଜସ୍ଥାନର ଜୈସାଲମେରସ୍ଥିତ ଚନ୍ଦନ ପରୀକ୍ଷଣ ରେଞ୍ଜ ପରିସରରେ ଭାରତୀୟ ବାୟୁ ସେନାର ଏକ ଯୁଦ୍ଧ ବିମାନରୁ ଏହି ଅସ୍ତ୍ର ପରୀକ୍ଷଣ କରାଯାଇଥିଲା । ଏହି ସିଷ୍ଟମର ଇଲେକ୍ଟ୍ରୋ ଅପ୍ଟିକାଲ କନଫିଗୁରେସନ (ବିନ୍ୟାସ)ରେ ଇମେଜିଂ ଇନଫ୍ରା-ରେଡ (ଆଇଆଇଆର) ଅନ୍ୱେଷଣ ପ୍ରଯୁକ୍ତି ରହିଛି ଯାହା ଅସ୍ତ୍ରର ସଠିକ ଲକ୍ଷ୍ୟଭେଦ କ୍ଷମତା ବୃଦ୍ଧି କରିଥାଏ । ଉଭୟ ପରୀକ୍ଷଣରେ ନିର୍ଦ୍ଧାରିତ ଲକ୍ଷ୍ୟକୁ ସର୍ବୋଚ୍ଚ ସ୍ତରର ସଠିକତାର ସହିତ ଭେଦ କରାଯାଇପାରିଥିଲା । ଏହି ସିଷ୍ଟମ ସର୍ବାଧିକ ୧୦୦ କିଲୋମିଟର ରେଞ୍ଜ ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିପାରିବ । ନୂଆ କରି ବ୍ୟବହୃତ ଲଞ୍ଚର୍, ଅସ୍ତ୍ରର ସୁଗମ ନିକ୍ଷେପଣ ଏବଂ ଉତ୍ସର୍ଜନକୁ ସୁନିଶ୍ଚିତ କରିଥିଲା । ଅତ୍ୟାଧୁନିକ ମାର୍ଗଦର୍ଶନ ଓ ନାଭିଗେସନ ଆଲଗୋରିଦମ, ସଫ୍ଟୱେର୍ ଆଶାନୁରୂପ ଲକ୍ଷ୍ୟ ପୂରଣ କରିଥିଲା ।


ବିମାନ ଯୁଦ୍ଧାସ୍ତ୍ର ନିକ୍ଷେପଣ କରିବା ସମୟରେ ଟେଲିମେଟ୍ରୀ ଓ ଟ୍ରାକିଂ ସିଷ୍ଟମ ଦ୍ୱାରା ସମ୍ପୂର୍ଣ୍ଣ ମିଶନକୁ ରେକର୍ଡ କରାଯାଇଥିଲା । ଏହି ମିଶନରେ ସମସ୍ତ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରାଯାଇଥିଲା । ଡିଆରଡିଓ ପରୀକ୍ଷାଗାର ସହଯୋଗ ଏବଂ ଆଇଏଏଫର ବ୍ୟାପକ ସହାୟତା ବଳରେ ରିସର୍ଚ୍ଚ ସେଣ୍ଟର ଇମାରତ (ଆରସିଆଇ) ଦ୍ୱାରା ସ୍ମାର୍ଟ ଆଣ୍ଟି ଏୟାରଫିଲ୍ଡ ଯୁଦ୍ଧାସ୍ତ୍ର ବିକଶିତ କରାଯାଇଛି । ଗୁଣବତ୍ତା ଏବଂ ଡିଜାଇନ ପ୍ରାମାଣିକରଣ ଏଜେନ୍ସିମାନେ ଏହାର ବିକାଶରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ବେଳେ ବେଙ୍ଗାଲୁରୁସ୍ଥିତ ହିନ୍ଦୁସ୍ତାନ ଏରେନେଟିକ୍ସ ଲିମିଟେଡ (ଏଚଏଏଲ) ଯୁଦ୍ଧାସ୍ତ୍ରକୁ ବିମାନ ସହିତ ସଂଯୋଗ କରିଥିଲା । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ସମନ୍ୱିତ ପଦକ୍ଷେପ ପାଇଁ ଡିଆରଡିଓ, ଆଇଏଏଫ ଏବଂ ମିଶନ ସହ ଜଡିତ ଟିମକୁ ପ୍ରଶଂସା କରିଛନ୍ତି । ବିକାଶ ଓ ପରୀକ୍ଷଣ ଦଳକୁ ପ୍ରଶଂସା କରି ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ଏବଂ ଡିଆରଡିଓ ଅଧ୍ୟକ୍ଷ ଡ. ଜି. ସତୀଶ ରେଡ୍ଡୀ କହିଛନ୍ତି ଯେ, ଏହି ଯୁଦ୍ଧାସ୍ତ୍ରର ପ୍ରଦର୍ଶନ ଏବଂ ବିଶ୍ୱସନୀୟତା ପ୍ରମାଣିତ ହୋଇଛି ।







# ଗୁଜୁରାଟର କଚ୍ଛରେ ଭୂକମ୍ପ : ରିକ୍‌ଟର ସ୍କେଲରେ ୫.୦ ତୀବ୍ରତା



ଗୁଜୁରାଟ : ଆଜି ଦିୱାଲୀ ଦିନ ଗୁଜୁରାଟର କଚ୍ଛରେ ଭୂକମ୍ପ ଅନୁଭୂତ ହୋଇଛି । ଏହାର ତୀବ୍ରତା ରିକ୍‌ଟର ସ୍କେଲରେ ୫.୦ ମାପ କରାଯାଇଥିବା ସୂଚନା ମିଳିଛି । ନ୍ୟାସନାଲ ସେଣ୍ଟର ଫର ସେସମୋଲୋଜି ଅନୁଯାୟୀ, ଏହି କମ୍ପନ ଅପରାହ୍ନ ୩ ଟା ୧୫ମି. ସମୟରେ ଆସିଥିଲା । ଏହି ଭୂକମ୍ପ ସ୍ଥଳ ଦ୍ୱାରକାଠାରୁ ଉତ୍ତର-ଉତ୍ତର ପଶ୍ଚିମରେ ୨୨୩ କିଲୋମିଟର ବୋଲି ଜଣାପଡ଼ିଛି । ପୂର୍ବରୁ ଗୁଆହାଟୀରେ ୩.୭ ମ୍ୟାଗ୍ନିଚ୍ୟୁଡର ଭୂକମ୍ପ ଅନୁଭୂତ ହୋଇଥିଲା । ଜାତୀୟ ଭୂକମ୍ପ କେନ୍ଦ୍ର କହିଛି ଯେ, ଭୂକମ୍ପର ଗଭୀରତା ପ୍ରାୟ ୨୫ କିଲୋମିଟର ଅଟେ । ଏହାର କେନ୍ଦ୍ରସ୍ଥଳ ଆସାମର ସୋନିତପୁର ଜିଲ୍ଲାର ୩୫ କିଲୋମିଟର ଦୂରରେ ଥିବା ତେଜପୁର ବୋଲି କୁହାଯାଇଛି ।

# କେନ୍ଦ୍ର ସରକାରଙ୍କ ଦୀପାବଳି ଭେଟି : ପେଟ୍ରୋଲ ଓ ଡିଜେଲ୍ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ

**- ପେଟ୍ରୋଲ ଉପରେ ୫ ଟଙ୍କା ଏବଂ ଡିଜେଲ ଉପରେ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ ପାଇଁ ଘୋଷଣା : ଆସନ୍ତାକାଲି ଠାରୁ ହେବ ଲାଗୁ**

**- ଉତ୍ପାଦ ଶୁଳ୍କ ହ୍ରାସ ସହିତ ଦେଶରେ ପେଟ୍ରୋଲ ଓ ଡିଜେଲ୍ ଦର ମଧ୍ୟ ହ୍ରାସ ପାଇବ**

**- ପେଟ୍ରୋଲ ତୁଳନାରେ ଡିଜେଲରେ ଦୁଇଗୁଣା ଉତ୍ପାଦ ଶୁଳ୍କ ହ୍ରାସ କରାଯାଇଛି : ଆଗାମୀ ରବି ଋତୁରେ ଚାଷୀଙ୍କୁ ବିଶେଷ ଭାବେ ହେବ ସହାୟକ**

**- ଉପଭୋକ୍ତାମାନଙ୍କୁ ଆଶ୍ୱସ୍ତି ପ୍ରଦାନ ପାଇଁ ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ ହ୍ରାସ ଲାଗି ରାଜ୍ୟମାନଙ୍କୁ ନିବେଦନ**

ନୂଆଦିଲ୍ଲୀ, (ପିଆଇବି) : ଦୀପାବଳି ପୂର୍ବ ସନ୍ଧ୍ୟାରେ ଭାରତ ସରକାର ସାଧାରଣ ଉପଭୋକ୍ତାଙ୍କୁ ଏକ ବଡ ଉପହାର ଦେଇଛନ୍ତି । ଆସନ୍ତାକାଲି ଠାରୁ ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ୫ ଏବଂ ୧୦ ଟଙ୍କା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ହ୍ରାସ ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଉତ୍ପାଦ ଶୁଳ୍କ ଦରରେ ହ୍ରାସ ଅନୁଯାୟୀ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ମୂଲ୍ୟ ମଧ୍ୟ ହ୍ରାସ ପାଇବ ।ପେଟ୍ରୋଲ ତୁଳନାରେ ଡିଜେଲ ଉପରେ ଦୁଇ ଗୁଣା ଉତ୍ପାଦ ଶୁଳ୍କ ହ୍ରାସ କରାଯାଇଛି । ଆସନ୍ତା ରବି ଋତୁରେ ଏହା ଦେଶର ଚାଷୀମାନଙ୍କୁ ବିଶେଷ ଭାବେ ଲାଭାନ୍ୱିତ କରିବ । ଗତ ମହାମାରୀଜନିତ ଲକଡାଉନ ସମୟରେ ଦେଶର ଚାଷୀମାନେ ସେମାନଙ୍କର କଠିନ ପରିଶ୍ରମ ବଳରେ ଦେଶର ଆର୍ଥିକ ଅଭିବୃଦ୍ଧି ହାରକୁ ବଜାୟ ରଖିପାରିଥିଲେ ।



ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଡିଜେଲ ମୂଲ୍ୟରେ ଅଧିକ ଉତ୍ପାଦ ଶୁଳ୍କ ହ୍ରାସ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଗତ କିଛି ମାସ ହେବ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଅହେତୁକ ଭାବେ ବୃଦ୍ଧି ପାଇଥିଲା । ଏହାର ପରିଣାମ ଘରୋଇ ବଜାରରେ ପେଟ୍ରୋଲ ଓ ଡିଜେଲ ଦର ଉପରେ ପଡିଥିଲା ଯାହାକି ମୁଦ୍ରାସ୍ଫିତୀ ଜନିତ ଚାପ ବୃଦ୍ଧି କରିଥିଲା । ବିଶ୍ୱ ସ୍ତରରେ ସମସ୍ତ ପ୍ରକାରର ଇନ୍ଧନର ଅଭାବ ଏବଂ ମୂଲ୍ୟ ବୃଦ୍ଧି ମଧ୍ୟ ଦେଖାଦେଇଛି । ତେବେ ଦେଶରେ କିପରି ଭାବେ ଇନ୍ଧନ ସଙ୍କଟ ଦେଖାନଦେବ ଭାରତ ସରକାର ସେଥିପ୍ରତି ସତର୍କତାର ସହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଆମର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ପରିମାଣରେ ପେଟ୍ରୋଲ ଏବଂ ଡିଜେଲ ଉପଲବ୍ଧ କରାଯାଇଛି । ଭାରତର ଆକାଂକ୍ଷୀ ଜନସଂଖ୍ୟାର ଉଦ୍ୟମିତା କ୍ଷମତା ଦ୍ୱାରା ପରିଚାଳିତ ହୋଇ ଭାରତୀୟ ଅର୍ଥବ୍ୟବସ୍ଥା କୋଭିଡ-୧୯ ପରବର୍ତ୍ତୀ ମାନ୍ଦାବସ୍ଥାରୁ ମୁକୁଳି ଉଲ୍ଲେଖନୀୟ ସୁଧାର ହାସଲ କରିପାରିଛି । ଉତ୍ପାଦନ, ସେବା କିମ୍ବା କୃଷି କ୍ଷେତ୍ର – ଅର୍ଥବ୍ୟବସ୍ଥାର ସମସ୍ତ କ୍ଷେତ୍ରରେ ଆର୍ଥିକ ଗତିବିଧିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଅର୍ଥବ୍ୟବସ୍ଥାକୁ ଆହୁରି ପ୍ରୋତ୍ସାହନ ଦେବା ଲାଗି ଭାରତ ସରକାର ଡିଜେଲ ଏବଂ ପେଟ୍ରୋଲ ଉପରୁ ଉତ୍ପାଦ ଶୁଳ୍କରେ ଜରୁରି ହ୍ରାସ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ ପାଇବା ଫଳରେ ତୈଳ ଇନ୍ଧନର ଉପଯୋଗ ବୃଦ୍ଧି ପାଇବ ଏବଂ ମୁଦ୍ରାସ୍ଫିତୀ ଚାପ ହ୍ରାସ ପାଇବ ।

ଏହାଦ୍ୱାରା ଗରିବ ଏବଂ ମଧ୍ୟବର୍ତ୍ତ ବର୍ଗ ଲାଭବାନ ହେବେ । ଆଜିର ନିଷ୍ପତ୍ତି ଦେଶର ସାମଗ୍ରିକ ଆର୍ଥିକ ଚକ୍ରକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଉଛି । ଉପଭୋକ୍ତାମାନଙ୍କୁ ଆଶ୍ୱସ୍ତି ପ୍ରଦାନ ପାଇଁ ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ ହ୍ରାସ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟମାନଙ୍କୁ ନିବେଦନ କରାଯାଇଛି ।

# ଦେଢ଼ କୋଟି ଟଙ୍କାର ମୋବାଇଲ ଡକାୟତ ଗିରଫ, ୧୫୦୦ରୁ ଅଧିକ ମୋବାଇଲ୍ ଫୋନ୍ ଉଦ୍ଧାର



ନୋଏଡା : ନୋଏଡାର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ମଥୁରା ପୋଲିସର ମିଳିତ ଚଢ଼ଉରେ ୧.୫୮ କୋଟି ଟଙ୍କାର ୧,୫୮୯ ମୋବାଇଲ୍ ଫୋନ୍ ଜବତ୍ କରିବା ସହିତ ୫ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ଡ଼କାୟତମାନେ ନୋଏଡାରୁ ବାଙ୍ଗାଲୋର ରାସ୍ତାରେ ଡକାୟତି ଘଟଣା ଘଟାଇଥିଲେ । ଏହାପୂର୍ବରୁ ଯାତ୍ରୀଙ୍କ ଠାରୁ କୋଟି କୋଟି ଟଙ୍କାର ମୋବାଇଲ୍ ଫୋନ ଲୁଟିବା, ଟ୍ରକ ଲୁଟିବା ମାମଲାରେ ୧୩ ଜଣଙ୍କୁ ଗିରଫ କରାଯାଇଛି ।


‘କୋଶଳ ପ୍ରବାହ’ର ସ୍ୱନକ୍ଷତ୍ର ଦିବସ ଅବସରରେ ବଲାଙ୍ଗିରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ସମସ୍ତେ କୋଭିଡ୍ ଗାଇଡ୍ ଲାଇନ୍ ମାନି ଚଳନ୍ତୁ, ସୁସ୍ଥ ରୁହନ୍ତୁ ।

- ଜଣେ ଶୁଭେଚ୍ଛୁ



MAHAVEER HIGHER SECONDARY SCHOOL

PUINTALA, BALANGIR | SAMS CODE: 05065101

(A Residential College for +2 Arts)

Recognized by Govt. of Odisha & Affiliated to CHSE Odisha

ADMISSION OPEN FOR THE SESSION 2021-2022

HURRY UP!! FREE ADMISSION HURRY UP!!

FOR THE LIMITED PERIOD ONLY*

Register yourself and get the following benefits:-

Highly qualified and experienced faculty | Free tutorial class for all students .
Free Computer Training & Certification | Free Spoken English Classes.
Hygenic Food & Best Accommodation (24 Hours Electricity) for both Boys & Girls Hostel.
Scholarship available for SC/ST/SEBC/OBC category (BPL/ APL) students.

For Admission please call or Visit us:-

Campus: Near Metakani Temple, Puintala, Balangir - 767071 (Odisha)

MOB: 9438295223 | 9853608113 | 7537902647 | 9348332252


























Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu